**୨୪.୦୯.୨୦୨୫**

## ଗରିବ ହିତାଧିକାରୀଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ

**ଅଣତାରକା ପ୍ରଶ୍ନ ସଂଖ୍ୟା ୧୮୩୮ - ଶ୍ରୀ ଆଶ୍ରିତ ପଟ୍ଟନାୟକ : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-** ପିପିଲି ଡେଲାଙ୍ଗ ବ୍ଲକ ଅଂଚଳରେ ଶତାଧିକ ଗରିବ ଗୁରୁବା ଅନ୍ତୋଦୟ ଅନ୍ନ ଯୋଜନାରୁ ବାଦ ପଡିଛନ୍ତି, ଅଥଚ ସ୍ୱଚ୍ଛଳ ତଥା ଧନୀ ଶ୍ରେଣୀର ଲୋକମାନେ ପୂର୍ବ ସରକାର ଅମଳରୁ ଏହି ଯୋଜନାକୁ ହାତେଇଛନ୍ତି, ଏପରିକି ମୃତ ହିତାଧିକାରୀଙ୍କ ନାମ ମଧ ଯୋଜନାରୁ ଏବେବି ବାଦ କରାଯାଇନି, ବିଧିବଦ୍ଧ ତଦନ୍ତ କରାଯାଇ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଧନୀ ଶ୍ରେଣୀର ହିତାଧିକାରୀଙ୍କୁ ବାଦ ଦେଇ ଗରିବ ହିତାଧିକାରୀଙ୍କୁ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ କରାଇବାରେ ପଦକ୍ଷେପ ଗ୍ରହଣ କରିବେ କି ?

**ଉତ୍ତର**

**ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ:** ସମଗ୍ର ରାଜ୍ୟରେ, ସମୁଦାୟ ୧୨,୩୬,୩୦୨ ପରିବାରର ୩୫,୧୨,୯୦୭ ସଦସ୍ୟ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଛନ୍ତି । ତନ୍ମଧ୍ୟରୁ, ପିପିଲି ବ୍ଲକ ଅଧୀନରେ ୩,୩୬୪ ପରିବାରର ୧୦,୨୧୧ ସଦସ୍ୟ ଏବଂ ଡେଲାଙ୍ଗ ବ୍ଲକ ଅଧୀନରେ ୩,୬୦୦ ପରିବାରର ୧୧,୧୧୩ ସଦସ୍ୟ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଛନ୍ତି। ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହେଉଥିବା ଅଧିକାଂଶ ପରିବାର ଗରିବ ଶ୍ରେଣୀର ଅଟନ୍ତି ।

ରାଜ୍ୟରେ ଇ-କେ.ୱାଇ.ସି ଯାଞ୍ଚ ପ୍ରକ୍ରିୟା ସମୟରେ, ଆଜିସୁଦ୍ଧା ୬,୩୮,୦୨୬ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ, ହିତାଧିକାରୀ ତାଲିକାରୁ ବାଦ ଦିଆଯାଇଛି ଏବଂ ସେହି ସ୍ଥାନ ଗୁଡ଼ିକରେ, ଯୋଗ୍ୟ ଆବେଦନକାରୀ ମାନଙ୍କୁ, ଅନ୍ତ୍ୟୋଦୟ ଅନ୍ନ ଯୋଜନା କିମ୍ବା ଅଗ୍ରାଧିକାର ପରିବାର ଅଥବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଅଛି । ଏହା ଏକ ନିରନ୍ତର ପ୍ରକ୍ରିୟା ।

***